ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 06-10-2025

ଗଜପତି(ଓଡିଶା) - :2025-10-06 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-10-07 | 2025-10-08 | 2025-10-09 | 2025-10-10 | 2025-10-11 |
|---|---|---|---|---|---|
| ବର୍ଷା (ମିମି) | 15.0 | 14.0 | 12.0 | 11.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 33.0 | 34.0 | 34.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 25.0 | 25.0 | 25.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 96 | 96 | 96 | 94 | 94 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 71 | 74 | 72 | 71 | 70 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 2 | 2 | 2 | 2 | 2 |
| ପବନର ଦିଗ (ଡିଗ୍ରୀ) | 281 | 297 | 315 | 321 | 334 |
| ମେଘାଚ୍ଛନ (ଅକ୍ଟା) | 5 | 5 | 5 | 5 | 5 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶୁକ୍ରବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୦ କିଲୋମିଟର ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩.୦° ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୪ ରୁ ୯୬ ଶତକଡା ଏବଂ ୭୦ ରୁ ୭୪ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ବିଜୁଳି ଓ ଘଡଘଡି ବର୍ଷା ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

### ଆବହାୱିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

### ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୩.୦° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୩.୬° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୧୯୩.୩ ମିଲିମିଟର ବର୍ଷା ହୋଇଅଛି । ଧାନ ଫସଲରେ ଗଣ୍ଡିଛାଡିବା ବା ଗର୍ଭ ସଞ୍ଚାର ଆରମ୍ଭ ହେବା ଅବସ୍ଥାରେ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ଏକର ପ୍ରତି ୧୭- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏକର ପ୍ରତି ୧୭- କିଲୋଗ୍ରାମ ୟୁରିଆ ସାର ସହିତ ୧୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଶଙ୍କର ବା ହାଇବ୍ରିଡ କିସମ ଧାନ ପାଇଁ ଏକର ପ୍ରତି ୨୦-କିଲୋଗ୍ରାମ ୟୁରିଆ ସହିତ ୨୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁଁ ଫସଲରେ ପତ୍ରପୋଡା, ଝାଉଁଳା ଓ ମୂଳସଢା ଦେଖାଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ଗ୍ରାମ Metalaxyl + Mancozeb କିମ୍ବା ୨ଗ୍ରାମ Carbendazim+ Mancozeb ଓ ୧ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । କୁକୁଡା ମାନଙ୍କୁ ରୋଗ ନ ହେବା ପାଇଁ କୁକୁଡା ଫାର୍ମକୁ ସଫାସୁତୁରା ରଖନ୍ତୁ । ରୋଗମୁକ୍ତ କୁକୁଡା ଚିଆଁ ବାଛି କରି ଫାର୍ମକୁ ଆଣନ୍ତୁ ଏବଂ ଦରକାର ଅନୁପାତରେ ଉପଯୁକ୍ତ କୁକୁଡା ଦାନା ଓ ପରିଷ୍କାର ଜଳ ଦିଅନ୍ତୁ । ସବୁ ଫସଲରେ ନିୟମିତ ଭାବରେ ରୋଗ ଏବଂ ପୋକର ସର୍ବେକ୍ଷଣ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ରହିଛି ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ Captan କିମ୍ବା ୨.୫ଗ୍ରାମ Copper Oxychloride ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଅଧିକ ଆର୍ଦ୍ର ଅବସ୍ଥା ହେତୁ ଧାନରେ କାଣ୍ଡ ବିନ୍ଧା ପୋକ ଏବଂ ପତ୍ର ମୋଡା ଓ ନଳୀ ପୋକ ଆକ୍ରମଣର ସମ୍ଭାବନା ବଢ଼ିଯାଇଥାଏ। ପତ୍ରମୋଡା ଓ ନଳୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Bifenthrin ନାମକ କୀଟନାଶକ କିମ୍ବା ୨୦୦ ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୪୦୦ ମିଲି ଫିପ୍ରୋନୀଲ୍ ନାମକ କୀଟନାଶକ କିମ୍ବା ୬୦ ମିଲି Chlorantraniliprole ନାମକ କୀଟନାଶକ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ପ୍ରାରମ୍ଭିକ ଅବସ୍ଥାରେ ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ନିମନ୍ତେ ହେକ୍ଟର ପ୍ରତି ୧୮.୪୫ କିଗ୍ରା କାର୍ଟାପ ହାଇଡ୍ରୋକ୍ଲୋରାଇଡ ୪%ଜି କିମ୍ବା ୧୦ କିଗ୍ରା କ୍ଲୋରାନଟ୍ରାନିଲିପ୍ରୋଲ କିମ୍ବା ୧୫ କିଗ୍ରା ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ କୁ ସମାନ ଓଜନର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ । ପତ୍ରମୋଡା ଓ ନଳୀପୋକ ଆକ୍ରାନ୍ତ ଜମିରେ ପାଣି ବାନ୍ଧି ରଖି ହେକ୍ଟର ପ୍ରତି ୫୦ କିଲୋଗ୍ରାମ ବାଲି ସହ ୨.୫ ଲିଟର କିରୋସିନି ଭଲ ଭାବରେ ମିଶାଇ ବିଞ୍ଚି ଦିଅନ୍ତୁ । ଏହା ଦ୍ୱାରା ଗଛରେ ଲାଗିଥିବା ଶୂକ ଗୁଡିକ ପାଣି ଉପରେ ପଡି ମରିଯିବେ । ରାସାୟନିକ ଉପାୟରେ ଧାନ ଫସଲରେ ପତ୍ରମୋଡା ପୋକ ଏବଂ ନଳୀ ପୋକର ପରିଚାଳନା ନିମନ୍ତେ ହେକ୍ଟର ପ୍ରତି ୧୦୦୦ ମିଲି ଫିପ୍ରୋନିଲ ୫% ଏସସି କିମ୍ବା ୧୦୦୦ ମିଲି ପ୍ରୋଫେନୋଫସ ୫୦% ଇସି କିମ୍ବା ୨୦୦ ମିଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସସି କୁ ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ପାଗରେ ଜୀବାଣୁ ଜନିତ ପତ୍ର ପୋଡା ରୋଗ ଦେଖାଯାଇଛି । ଏହି ରୋଗର ନିରାକରଣ ନିମନ୍ତେ ୩ ଗ୍ରାମ କପର ହାଇଡ୍ରୋକ୍ସାଇଡ ୫୩.୮% ଡିଏଫ କିମ୍ବା ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଧାନ ଫସଲ ରେ ମହିଷା ରୋଗର ପରିଚାଳନା ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପତ୍ରାଛାଦ ପୋଡା ବା ସାପକାତିଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି ଲି Validamycin ନାମକ ଫିମ୍ପିନାଶକ କିମ୍ବା ୪୦୦ ମି ଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରୁଆ ଯାଇଥିବା ଧାନ ବର୍ତମାନ ପିଲ ହେବା ରୁ କେଣ୍ଡା ସଞ୍ଚାର ଅବସ୍ଥାରେ ଅଛି । ବୁଣା ଧାନ ବର୍ତମାନ ୧୦-୧୨ ସପ୍ତାହ ଅବସ୍ଥାରେ ଅଛି । ବର୍ତ୍ତମାନ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା, ଆର୍ଦ୍ରତା ଓ ବର୍ଷା ପରେ ସ୍ୱଚ୍ଛ ଆକାଶ ରହୁଥିବା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ଦେଖାଦେଇଛି । ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଧାନ ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣ ର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ । ସୂର୍ଯ୍ୟାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବରୁ ପଶ୍ଚିମ ଦିଗକୁ ୬ ଫୁଟ ବ୍ୟବଧାନରେ ପାହି କରନ୍ତୁ । ପ୍ରାଥମିକ ଅବସ୍ଥାରେ ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୧୨୦-ଗ୍ରାମ Pymetrozine କିମ୍ବା ୮୦-ଗ୍ରାମ Dinotefuran କିମ୍ବା ୬୦-ଗ୍ରାମ Flonicamid କିମ୍ବା ୧୦୦-ମିଲି Triflumezopyrim, ୨୦୦-ଲିଟର ପାଣିରେ ମିଶାଇ ବୁଦା ମୂଳ କୁ ଲକ୍ଷ୍ୟ କରି ସିଂଚନ କରନ୍ତୁ । ମାଟିଆ ଗୁଣ୍ଡି ପୋକ ପାଇଁ ଅନୁମୋଦିତ କୀଟନାଶକ କୁ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ । |
| ବାଦାମ | ବର୍ତ୍ତମାନ ଫସଲ ଫୁଲ ଅବସ୍ଥାରେ ଅଛି । ବର୍ଷା ଯୋଗୁଁ ଚିନାବାଦାମ ରେ ଟିକ୍କା ରୋଗ ହେବାର ସମ୍ଭାବନା ଅଛି । ଟିକ୍କା ରୋଗର ପରିଚାଳନା ନିମନ୍ତେ ୪୦୦ ଗ୍ରାମ କ୍ଲୋରୋଥାଲୋନିଲ ୭୫% ଡବ୍ଲୁପି କିମ୍ବା ୬୦୦ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁପି କିମ୍ବା ୩୦୦ ମିଲି ହେକ୍ସାକୋନାଜୋଲ ୫% ଇସି କୁ ଏକର ପ୍ରତି ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମରିଗଲଦ | ଗେଣ୍ଡୁ ଫସଲରେ ନାଲି ବୁଢିଆଣୀ ଅଷ୍ଟପଦୀ ପୋକର ପରିଚାଳନା ନିମନ୍ତେ ପ୍ରତି ଲିଟର ପାଣିରେ ୨-ମିଲି ପ୍ରୋପାରଜାଇଟ କିମ୍ବା ୨-ମିଲି ଫେନପାଇରୋକ୍ସିମେଟ ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ଧାନ ଓ ଅଣଧାନ ଫସଲ ଜମିରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ । ଟମାଟୋ, ଲଙ୍କା ଓ ବାଇଗଣ ଆଦି ଚାରା କୁ ପଲିଥିନ୍ ଜରି କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା କ୍ଷୟକ୍ଷତି ହେବ ନାହିଁ । ବର୍ଷା ପରେ ପତ୍ର ରେ କାଦୁଅ ଲାଗିଥିଲେ ପତ୍ରକୁ ଜଳ ସିଞ୍ଚନ କରି ଧୋଇ ଦିଅନ୍ତୁ ଏବଂ ଗଛର ହଳଦିଆ ପତ୍ରକୁ ଛିଣ୍ଡାଇ ଦିଅନ୍ତୁ । |
| ଜେନେରାଲ ଡବିସିଏ | ଦକ୍ଷିଣ ଓଡିଶାରେ ସୃଷ୍ଟ ଅବପାତର ପ୍ରଭାବରେ ଜିଲ୍ଲାରେ ପ୍ରବଳରୁ ରୁ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇଛି । ବର୍ଷା ଯୋଗୁଁ ଅନେକ ମଧ୍ୟମ ଓ ଖାଲ ଜମି ଜଳମଗ୍ନ ହୋଇଅଛି । ବର୍ଷା ଯୋଗୁଁ ଧାନ ଜମିରେ ପାଣି ଜମି ରହି ଧାନ ଗଛ ଗୁଡିକ ବୁଡି ରହୁଥିଲେ ପ୍ରଥମେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ବର୍ଷା ପରେ ରୁଆ ଓ ବୁଣା ଧାନରେ ପାଣି ଜମି ରହି ଲୌହ ବିଷାକ୍ତତା ପରିସ୍ଥିତି ସୃଷ୍ଟି ହୋଇପାରେ । ଏହା ଦ୍ୱାରା ଧାନ ଗଛ ପିଲ କମ ହୁଏ ଓ ଚେର ନଷ୍ଟ ହୋଇ ପତ୍ର ହଳଦିଆ ପଡିଯାଏ ଓ ଭଲଭାବରେ ବଢିପାରେ ନାହିଁ । ଏପରି ସ୍ଥଳେ ଜମି ରୁ ଜଳ ନି ନିଷ୍କାସନ ବ୍ୟବସ୍ଥା କରି ଏକର ପ୍ରତି ୧୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ସହିତ ୧୦- କିଲୋଗ୍ରାମ ଜିଙ୍କ ସଲଫେ ଟ ୨୧ ଶତକଡା ଅଣୁସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁଁ ଲତା ଜାତୀୟ ପନିପରିବା ଫସଲର ରଞ୍ଜା ବା ଟ୍ରେଲି ପଡିଯାଇଥିଲେ ସଳଖ କରି ଦିଅନ୍ତୁ । |
| ଜେନେରାଲ ଡବିସିଏ | ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ରହିଛି, ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ Captan କିମ୍ବା ୨.୫ଗ୍ରାମ Copper Oxychloride ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ । |
| ଜେନେରାଲ ଡବିସିଏ | ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢା ଦେଖାଦେବାର ସମ୍ଭାବନା ଅଛି, ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ଗ୍ରା ମ Metalaxyl + Mancozeb ଓ ୧.୫ଗ୍ରା ମ Streptocyclineକୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ । |

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପ୍ଲାଣ୍ଟ ପ୍ରୋଟେକ୍ସନ | ସାହେବୀ ରୋଗର ବାହକ ଗୁଡିକର ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ ଦିନ ପରେ ଏକର ପ୍ରତି ୮-୧୦ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

|  |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

|  |
|---|
| ୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଡେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**